ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/FARD(Od)/292/04-03-2024

# କଟକର ଖପୁରିଆଠାରେ ବତକ ଫାର୍ମ ପୁନଃକାର୍ଯ୍ୟକ୍ଷମ
## ବର୍ଷକୁ ଏକ ଲକ୍ଷ ବତକ ଚିଆଁ ଖପୁରିଆ ଫାର୍ମରୁ ଯୋଗାଇ ଦିଆଯିବ

ଭୁବନେଶ୍ୱର, ମାର୍ଚ୍ଚ ୦୪, ୨୦୨୪

ରାଜ୍ୟରେ ଚାଷୀମାନଙ୍କ ମଧ୍ୟରେ ବତକ ପାଳନର ଚାହିଦାକୁ ଦୃଷ୍ଟିରେ ରଖି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଖପୁରିଆସ୍ଥିତ ବତକ ଫାର୍ମକୁ ପୁନଃକାର୍ଯ୍ୟକ୍ଷମ କରାଯାଇଛି ।

କଟକର ଖପୁରିଆଠାରେ ଥିବା ବତକ ପ୍ରଜନନ ଫାର୍ମ ରାଜ୍ୟର ପ୍ରାଣିପାଳକ ଓ ଚାଷୀମାନଙ୍କ ସହାୟତା ପାଇଁ ବତକ ଚିଆଁ ଯୋଗାଇ ଆସୁଥିଲା । କିଛି ଦିନ ଧରି ଏହି ଫାର୍ମଟି କାର୍ଯକ୍ଷମ ଅବସ୍ଥାରେ ନଥିଲା । ଏହି ବତକ ଫାର୍ମ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଦ୍ୱାରା ଏବେ ପୁନଃ କାର୍ଯକ୍ଷମ ହୋଇଛି । ଏହି ଫାର୍ମରେ ନୂତନ ଜ୍ଞାନକୌଶଳ ସମ୍ବଳିତ ହ୍ୟାଚର ଓ ସେଟର (ଚିଆଁଫୁଟା ଯନ୍ତ୍ର) ସ୍ଥାପନା କରାଯାଇଛି । ପ୍ରାଥମିକ ଅବସ୍ଥାରେ ଏଥିରେ ତିନି ହଜାର ଅଣ୍ଡା ରଖାଯାଇଛି, ଯେଉଁଥିରୁ ୨୧ ଦିନ ପରେ ବତକ ଚିଆଁ ବାହାରିବେ । ଚିଆଁଗୁଡିକୁ ରାଜ୍ୟର ପ୍ରାଣିପାଳକମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ । ବାଡି ଅଗଣାରେ ବତକ ପାଳନ ଓ ଅର୍ଦ୍ଧ-ବ୍ୟବସାୟିକ ବତକ ପାଳନ ପାଇଁ ଏହି ଚିଆଁଗୁଡିକ ଉପଯୋଗୀ ହେବେ ।

ଚିଆଁ ଫୁଟାଇବା ପାଇଁ ବତକ ଅଣ୍ଡା ବେଙ୍ଗାଲୁରୁର ହେସାରଘାଟରେ ଥିବା କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂସ୍ଥା (Central Poultry Development Organisation)ରୁ ଅଣାଯାଉଛି । ଖାକି କାମ୍ପବେଲ ଓ ଇଣ୍ଡିଆନ ରନର ପ୍ରଜାତିର ବତକ ଚିଆଁ ଖପୁରିଆ ଫାର୍ମରୁ ଯୋଗାଇଦିଆଯିବ । ଏହି ଦୁଇ ପ୍ରଜାତିର ବତକକୁ ପ୍ରାଣିପାଳକମାନେ ଉଭୟ ଅଣ୍ଡା ଓ ମାଂସ ପାଇଁ ପାଳନ କରିପାରିବେ । ବାର୍ଷିକ ପ୍ରାୟ ୧ ଲକ୍ଷ ବତକ ଚିଆଁ ଖପୁରିଆ ଫାର୍ମରୁ ଯୋଗାଇଦିଆଯିବ । ବାଡି ଅଗଣାରେ ବତକ ପାଳନ କରି ଗ୍ରାମାଞ୍ଚଳର ଚାଷୀ ପରିବାର ନିଜ ପରିବାର ପାଇଁ ପୌଷ୍ଟିକ ଆହାରର ଯୋଗାଡ଼ କରିପାରିବେ ଏବଂ ଅର୍ଦ୍ଧ ବ୍ୟବସାୟିକ ପଦ୍ଧତିରେ ବତକ ପାଳନ କରି ନିଜ ଆୟକୁ ବହୁଗୁଣ କରିବାରେ ଯୋଗଦାନ ଦେଇପାରିବେ ।

ଖପୁରିଆଠାରେ ବତକ ଫାର୍ମର ପୁନଃକାର୍ଯକ୍ଷମ ହେବା ରାଜ୍ୟର ପ୍ରାଣିପାଳକ ଓ ଚାଷୀମାନଙ୍କ ପାଇଁ ଏକ ବଡ ଖୁସି ଖବର । ବତକ ଚିଆଁ ପାଇବାକୁ ଚାହୁଁଥିବା ପ୍ରାଣିପାଳକମାନେ । ବତକ ଫାର୍ମର ପରିଚାଳକ ଡାକ୍ତର ଚିତ୍ତରଞ୍ଜନ ସେଣଙ୍କୁ ମୋବାଇଲ୍ ନମ୍ବର ୯୯୩୮୧ ୩୨୨୯୦ରେ ଯୋଗାଯୋଗ କରିପାରିବେ ।

ତାପସ କୁମାର ସାହା
ସୂଚନା ଅଧିକାରୀ